# NATIONAL NEWS BULLETIN (ODIA)

## 4 September - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରରେ ବିଶ୍ୱଶାନ୍ତି ବୁଦ୍ଧ ବିହାରର ଆଜି ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ବ୍ରୁନେଇର ସୁଲତାନଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ତ୍ରିପୁରାରେ ଶାନ୍ତି ଏବଂ ସମୃଦ୍ଧି ଆଣିବା ଲକ୍ଷ୍ୟରେ ନୂଆଦିଲ୍ଲୀ ଠାରେ ସ୍ୱାକ୍ଷରିତ ହେବ ତିନୋଟି ବୁଝାମଣାପତ୍ର ।
- ରୁଷର କ୍ଷେପଣାସ୍ତ୍ର ଆକ୍ରମଣରେ ୟୁକ୍ରେନରେ ୫୧ ଜଣଙ୍କର ମୃତ୍ୟୁ ।

ଏବଂ

- ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଷଷ୍ଠ ଦିନରେ ୫ଟି ପଦକ ହାସଲ କଲେ ଭାରତୀୟ କ୍ରୀଡ଼ାବିତ୍ ।

## ରାଷ୍ଟ୍ରପତି-ମହାରାଷ୍ଟ୍ର ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହାରାଷ୍ଟ୍ରର ଲାଟୁର ଜିଲ୍ଲା ଅନ୍ତର୍ଗତ ଉଦ୍‌ଗିର ଠାରେ ବିଶ୍ୱଶାନ୍ତି ବୁଦ୍ଧ ବିହାରର ଆଜି ଉଦ୍‌ଘାଟନ କରିବେ । ଏହି ସମାରୋହରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ଏବଂ ଅଜିତ ପାୱାର ଓ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଯୋଗଦେବେ । ଉଦ୍‌ଗିର କଲେଜ ପରିସରରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି 'ଶାସନ ଅପ୍ଲିୟା ଦରି' ଏବଂ 'ମୁଖ୍ୟମନ୍ତ୍ରୀ ମାଝି ଲଡକି ବହିନ୍ ଯୋଜନା'ର ହିତାଧିକାରୀଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ନାନ୍ଦେଡ ସ୍ଥିତ ଶ୍ରୀ ହୁଜୁର୍ ସାହିବ୍ ଗୁରୁଦ୍ୱାରା ପରିଦର୍ଶନ କରିବେ ।

ସୂଚନା ଯୋଗ୍ୟ ଗତ ସୋମବାର ଠାରୁ ରାଷ୍ଟ୍ରପତି ତିନି ଦିନିଆ ଗସ୍ତରେ ମହାରାଷ୍ଟ୍ର ଯାଇଛନ୍ତି ।

## ପ୍ରଧାନମନ୍ତ୍ରୀ-ବିଦେଶ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରୁନେଇର ସୁଲତାନ ହାଜି ହାସ୍‌ନାଲ୍ ବୋଲ୍‌କିଆଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା

କରିବେ । ପ୍ରତିରକ୍ଷା, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ମହାକାଶ ବିଜ୍ଞାନ, ସ୍ୱାସ୍ଥ୍ୟ, ସଂସ୍କୃତି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ସହ ସମ୍ପର୍କର ନୂତନ ମାର୍ଗ ଉନ୍ମୁକ୍ତ ନେଇ ଦୁଇ ପକ୍ଷ ବିଚାର ବିମର୍ଷ କରିବାର ସମ୍ଭାବନା ରହିଛି । ଏହି ଅବସରରେ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବ୍ରୁନେଇ ଗସ୍ତରେ ଯାଇ ଗତକାଲି ବନ୍ଦର ସେରି ବେଗଓ୍ୱାନ୍‌ରେ ପହଞ୍ଚିଥିଲେ । ସେଠାରେ ବ୍ରୁନେଇ ରାଜକୁମାର ହାଜି ଅଲ୍-ମୁହତାଦି ବିଲ୍ଲହା ଏବଂ ମନ୍ତ୍ରିମଣ୍ଡଳର ବରିଷ୍ଠ ସଦସ୍ୟ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ବ୍ରୁନେଇକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି ପ୍ରଥମ ଦ୍ୱିପାକ୍ଷିକ ଗସ୍ତ । ଭାରତ ଏବଂ ବ୍ରୁନେଇ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୪୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଗସ୍ତରେ ଯାଇଛନ୍ତି । ଭାରତୀୟ ସମୁଦାୟଙ୍କ ପକ୍ଷରୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା ।

ଏହି ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ଆଜି ବ୍ରୁନେଇରୁ ସିଙ୍ଗାପୁର ଯିବେ। ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ୱାଙ୍ଗଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଏହି ଗସ୍ତରେ ଯାଉଛନ୍ତି । ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିବା ସହ ଆଞ୍ଚଳିକ ଏବଂ ବୈଶ୍ୱିକ ପରିସ୍ଥିତି ଉପରେ ମତ ବିନିମୟ କରିବେ । ପ୍ରତିରକ୍ଷା ସହଯୋଗ, ବାଣିଜ୍ୟ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଭାଗିତା ସୁଦୃଢ଼ ରହିଛି ।

# ସ୍ୱରାଷ୍ଟ୍ରମନ୍ତ୍ରୀ-ତ୍ରିପୁରା

ତ୍ରିପୁରାରେ ଶାନ୍ତି ଏବଂ ସମୃଦ୍ଧି ଆଣିବା ଲକ୍ଷ୍ୟରେ ଆଜି ନୂଆଦିଲ୍ଲୀ ଠାରେ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ତ୍ରିପୁରା ସରକାର, ନ୍ୟାସନାଲ୍ ଲିବରେସନ୍ ଫ୍ରଣ୍ଟ ଅଫ୍ ତ୍ରିପୁରା – ଏନ୍.ଏଲ୍.ଏଫ୍.ଟି. ଏବଂ ଅଲ୍ ତ୍ରିପୁରା ଟାଇଗର୍ ଫୋର୍ସ୍ ଏ.ଟି.ଟି.ଏଫ୍. ସହ କେନ୍ଦ୍ର ସରକାର ଏହି ବୁଝାମଣାପତ୍ର ଗୁଡ଼ିକ ସ୍ୱାକ୍ଷର କରିବେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ୍ ଶାହାଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ତ୍ରିପୁରା ସରକାରଙ୍କ ବରିଷ୍ଠ ଅଧିକାରୀ ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ ରହିବେ । ଉତ୍ତର ପୂର୍ବାଞ୍ଚଳରେ ଉଗ୍ରବାଦ, ହିଂସାକୁ ପ୍ରତିହତ କରିବା ସହ ଏକ ସଂଘର୍ଷମୁକ୍ତ ଅଞ୍ଚଳ ଗଠନ ପାଇଁ ଏହି ବୁଝାମଣାପତ୍ର ବିଶେଷ ସହାୟକ ହେବ ବୋଲି ଜଣାପଡ଼ିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସେହି ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ଓ ସମୃଦ୍ଧି ଲକ୍ଷ୍ୟରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ସେଥିମଧ୍ୟରୁ ତ୍ରିପୁରାର ଏହି ତିନୋଟି ଚୁକ୍ତି ଅନ୍ତର୍ଭୁକ୍ତ । ଏହି ବୁଝାମଣାପତ୍ରଗୁଡ଼ିକ  ଦ୍ୱାରା ପାଖାପାଖି ୧୦ ହଜାର ଲୋକ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ।

# ତ୍ରିପୁରା-ରାଜ୍ୟସଭା ବିଜେପି

ବିଜେପି ପ୍ରାର୍ଥି ରାଜୀବ ଭଟ୍ଟାଚାର୍ଜି ତ୍ରିପୁରା ରାଜ୍ୟସଭା ଆସନରେ ବିଜୟୀ ହୋଇଛନ୍ତି । ରାଜ୍ୟସଭା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ସି.ପି.ଆଇ.ଏମ୍.ର ସୁଧାନ ଦାଶଙ୍କୁ ୩୭ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି ।

# ପୁରସ୍କାର-ଫେରସ୍ତ

କୋଲକାତାର ଆର୍ ଜି କର୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ  ଅସନ୍ତୁଷ୍ଟ ପଶ୍ଚିମବଙ୍ଗର ବହୁ ବିଶିଷ୍ଟ ବ୍ୟକ୍ତି ସେମାନଙ୍କର ସମ୍ମାନ ଫେରାଇବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିରେ ବହୁ ବିଶିଷ୍ଟ ସାହିତ୍ୟିକ, ନାଟ୍ୟ ଓ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ତଥା ଅନ୍ୟାନ୍ୟ ବର୍ଗର  ସମ୍ମାନିତ ବ୍ୟକ୍ତି ବିଶେଷ ରହିଛନ୍ତି । ସେମାନଙ୍କ ମଧ୍ୟରେ ଅଭିନେତ୍ରୀ ସୁଦୀପ୍ତା ଚକ୍ରବର୍ତ୍ତୀ, ନାଟ୍ୟକାର ବିପ୍ଳବ ବନ୍ଦୋପାଧ୍ୟାୟ ଦୀନବନ୍ଧୁ ମିତ୍ର ପୁରସ୍କାରପ୍ରାପ୍ତ ଚନ୍ଦନ ସେନ୍ ପ୍ରମୁଖ ଅଛନ୍ତି । ସପ୍ତାହେ ପୂର୍ବରୁ ମାଲଦା ଜିଲ୍ଲାର ନାଟ୍ୟଗୋଷ୍ଠୀ 'ସମବେତା ପ୍ରୟାସ' ଏହି ପ୍ରସଙ୍ଗକୁ ବିରୋଧ କରି ୫୦ ହଜାର ଟଙ୍କାର ସରକାରୀ ଅନୁଦାନକୁ ଫେରସ୍ତ କରିବାକୁ ଘୋଷଣା କରିଥିଲା । ସେହିଭଳି ଅଲିପୁରଦ୍ୱାର ଜିଲ୍ଲାର ଶିକ୍ଷକ

ପରିମଳ ଦେ ପଶ୍ଚିମବଙ୍ଗ ସରକାର ଦ୍ୱାରା ପ୍ରଦତ୍ତ ପୁରସ୍କାରକୁ ଫେରାଇ ଦେଇଥିଲେ ।

## ରୁଷ-ୟୁକ୍ରେନ୍ ଯୁଦ୍ଧ

ୟୁକ୍ରେନ୍‌ର କେନ୍ଦ୍ରୀୟ ସହର ପୋଲଟାଭା ଉପରେ ରୁଷର କ୍ଷେପଣାସ୍ତ୍ର ଆକ୍ରମଣରେ ଅତି କମ୍‌ରେ ୫୧ ଜଣଙ୍କର ମୃତ୍ୟୁ ହୋଇଛି । ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏହି ଆକ୍ରମଣ ଦ୍ୱାରା ସେଠାକାର ସାମରିକ ଯୋଗାଯୋଗ ପ୍ରତିଷ୍ଠାନ ଏବଂ ଡାକ୍ତରଖାନା କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ୟୁକ୍ରେନ୍‌ର ସ୍ଥଳ ସେନା ଏହି ଆକ୍ରମଣରେ ଯବାନ ସହିଦ ହୋଇଥିବା ନିଶ୍ଚିତ କରିଛି । ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ରୁଷର କ୍ଷେପଣାସ୍ତ୍ର ଆକ୍ରମଣ ଅବ୍ୟବହିତ ପୂର୍ବରୁ ସତର୍କ ସୂଚନା ଜାରି କରାଯାଇଥିଲେ ମଧ୍ୟ ଆଶ୍ରୟ ସ୍ଥଳକୁ ଯିବା ପାଇଁ ଲୋକଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ନ ଥିଲା । ପୋଲଟାଭା ସାମରିକ ଯୋଗାଯୋଗ ପ୍ରତିଷ୍ଠାନରେ ଏହି ସମୟରେ ଶିକ୍ଷାଦାନ କାର୍ଯ୍ୟ ଚାଲୁ ରହିଥିଲା । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦୋମିର୍ ଜେଲେନ୍‌ସ୍କି କହିଛନ୍ତି, ରୁଷକୁ ଏହି ଆକ୍ରମଣର ମୂଲ୍ୟ ଦେବାକୁ ପଡ଼ିବ । ଦୂରଗାମୀ କ୍ଷେପଣାସ୍ତ୍ର ଦ୍ୱାରା ୟୁକ୍ରେନ୍ ପଦକ୍ଷେପ ନେବ ବୋଲି ସେ କହିଛନ୍ତି । ତେବେ ଏହି ଆକ୍ରମଣ ନେଇ ମସ୍କୋ ପକ୍ଷରୁ କୌଣସି ମନ୍ତବ୍ୟ ଜାରି କରାଯାଇ ନାହିଁ ।

# ଇସ୍ରାଏଲ୍-ଓ୍ୱେଷ୍ଟବ୍ୟାଙ୍କ୍ ରେଳବାଇ ସଂଯୋଗ

ଉତ୍ତର ଇସ୍ରାଏଲ୍ ଓ ଓ୍ୱେଷ୍ଟ ବ୍ୟାଙ୍କ୍ର ଉତ୍ତରାଞ୍ଚଳକୁ ଯୋଗାଯୋଗ କରୁଥିବା ରେଳପଥ ସଂଯୋଗ ପ୍ରକଳ୍ପକୁ ବାତିଲ କରିବାକୁ ଇସ୍ରାଏଲ୍ ଘୋଷଣା କରିଛି । ଇସ୍ରାଏଲ୍ର ପରିବହନ ମନ୍ତ୍ରୀ  ମିରି ରେଗେଭ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି,  ପାଖାପାଖି ଦଶନ୍ଧି ତଳେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଇସ୍ରାଏଲ୍ର ଆଫୁଲା ସହର ଏବଂ ପାଲେଷ୍ଟାଇନ୍ର ଜେନିନ୍ ସହରକୁ ସଂଯୋଗ କରୁଥିଲା । ଭୂ-ରାଜନୈତିକ ନିରାପତ୍ତା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ରେଗେଭ୍ କହିଛନ୍ତି । ଓ୍ୱେଷ୍ଟ ବ୍ୟାଙ୍କ୍ରେ ବିଶେଷ କରି ଜେନିନ୍ ସହରରେ ହିଂସା ବୃଦ୍ଧି ଏଭଳି ନିଷ୍ପତ୍ତିର ଏକ ପ୍ରମୁଖ କାରଣ ବୋଲି ସେ ଦର୍ଶାଇଛନ୍ତି । ଇସ୍ରାଏଲ୍ ଆତଙ୍କବାଦକୁ ପ୍ରୋତ୍ସାହନ ଦେବ ନାହିଁ । ତୁର୍କୀ ରାଷ୍ଟ୍ରପତି ରିଷେଭ୍ ତାଇପି ଏର୍ଡୋଗାନ୍ ପାଲେଷ୍ଟାଇନ୍ର ଆତଙ୍କବାଦୀ ଆଚରଣକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ଇସ୍ରାଏଲ୍ ଅଭିଯୋଗ କରିଛି ।

ସୂଚନା ଯୋଗ୍ୟ ଯୁକ୍ତରାଷ୍ଟ୍ର ଆମେରିକା, ଇସ୍ରାଏଲ୍, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟସ୍ ଏବଂ ଜୋର୍ଡାନ୍ ଦ୍ୱାରା ପ୍ରୋତ୍ସାହିତ ଶାନ୍ତି

ରେଳବାଇ ଯୋଜନାର ଏହି ପ୍ରକଳ୍ପ ଏକ ଅଂଶ ବିଶେଷ ଭାବେ ଗ୍ରହଣ କରାଯାଏ ।

## ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ

ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନରେ ଆଜିଠାରୁ ସରକାରୀ କର୍ମଚାରୀଙ୍କ ପାଇଁ ପୋଷ୍ଟାଲ୍ ବାଲଟ୍ ମତଦାନ ଆରମ୍ଭ ହେଉଛି । ଆସନ୍ତାକାଲି ଏବଂ ୬ ତାରିଖରେ ମଧ୍ୟ ଏହି ମତଦାନ ଜାରି ରହିବ ବୋଲି ସେଠାକାର ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି । ୭ଲକ୍ଷରୁ ଅଧିକ ସରକାରୀ କର୍ମଚାରୀ ପୋଷ୍ଟାଲ୍ ବାଲଟ୍ ମତଦାନ ପାଇଁ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ତେବେ ଏଥିରେ ଭୋଟ୍ ଦେଇପାରି ନଥିବା ସରକାରୀ କର୍ମଚାରୀ ଆସନ୍ତା ମାସ ୧୧ ଏବଂ ୧୨ ତାରିଖରେ ପୋଷ୍ଟାଲ ମତଦାନ କରିପାରିବେ ବୋଲି ଆୟୋଗ ସୂଚନା ଦେଇଛନ୍ତି । ଏହି ନିର୍ବାଚନରେ ୩୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତା ମାସ ୨୧ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ ।

## ବିଶ୍ୱବ୍ୟାଙ୍କ୍

ଆହ୍ୱାନ ପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ଭାରତର ମଧ୍ୟବର୍ତ୍ତୀକାଳୀନ ଆର୍ଥିକ ଦୃଷ୍ଟିକୋଣ ସକାରାତ୍ମକ ରହିଛି ବୋଲି ବିଶ୍ୱ ବ୍ୟାଙ୍କ୍ କହିଛି । ବିଶ୍ୱ ବ୍ୟାଙ୍କ୍ ପକ୍ଷରୁ ପ୍ରକାଶିତ ଭାରତ ବିକାଶ ଅପ୍‌ଡେଟ୍ ରିପୋର୍ଟ୍‌ରେ କୁହାଯାଇଛି, ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୭ ପ୍ରତିଶତରେ ପହଞ୍ଚିବ । ପରବର୍ତ୍ତୀ ଦୁଇ ଆର୍ଥିକ ବର୍ଷରେ ଏହି ଅଭିବୃଦ୍ଧି ହାର ଶକ୍ତିଶାଳୀ ରହିବ ବୋଲି ବିଶ୍ୱ ବ୍ୟାଙ୍କ୍ ପୂର୍ବାନୁମାନ କରିଛି । ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୈତିକ ରାଷ୍ଟ୍ରର ମାନ୍ୟତା ପାଇଛି । ସାର୍ବଜନନୀ ଭିତ୍ତିଭୂମି, ପୁଞ୍ଜିନିବେଶ ଏବଂ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ଯୋଗୁଁ ଅଭିବୃଦ୍ଧି ହାର ବୃଦ୍ଧି ପାଉଛି ବୋଲି ଏହି ରିପୋର୍ଟରେ କୁହାଯାଇଛି ।

## ପାରା ଅଲିମ୍ପିକ୍ସ

ପ୍ୟାରିସ୍ ପାରା ଅଲିମ୍ପିକ୍ସ ୨୦୨୪ର ଗତକାଲି ଷଷ୍ଠ ଦିନର ଖେଳରେ ଭାରତ ୫ଟି ପଦକ ହାସଲ କରିଛି । ସେଥିମଧ୍ୟରୁ ଦୁଇଟି ରୌପ୍ୟ ଏବଂ ତିନୋଟି ବ୍ରୋଞ୍ଜ ପଦକ ରହିଛି । **T-63** ପୁରୁଷ ହାଇଜମ୍ପ ପ୍ରତିଯୋଗିତାରେ ଭାରତରେ ଶରଦ କୁମାର ରୌପ୍ୟ ପଦକ ହାସଲ କରିଥିବା ବେଳେ ମାରିୟାପ୍ପାନ୍ ଥଙ୍ଗାଭାଲୁ ବ୍ରୋଞ୍ଜ ପଦକ ପାଇଛନ୍ତି ।

ସେହିଭଳି **F-46** ପୁରୁଷ ଜାଭ୍‌ଲିନ୍ ଥ୍ରୋ ପ୍ରତିଯୋଗିତାରେ ଅଜିତ ସିଂହ ରୌପ୍ୟ ଏବଂ ସୁନ୍ଦର ସିଂହ ଗୁର୍ଜ୍ଜର ବ୍ରୋଞ୍ଜ ପଦକ ପାଇଛନ୍ତି । **T-20** ୪୦୦ ମିଟର ମହିଳା ଦୌଡ଼ ପ୍ରତିଯୋଗିତାରେ ଦିପ୍ତୀ ଜିବାଞ୍ଜି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଅନ୍ୟ ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ମହିଳା ତୀରଚାଳନା ରିକର୍ଭ ଇଭେଣ୍ଟ୍‌ରେ ପୂଜା ଏବଂ ମହିଳା ସଟ୍‌ପୁଟ୍‌ରେ ଭାଗ୍ୟଶ୍ରୀ ପରାଜିତ ହୋଇଛନ୍ତି ।

ଆଜି ସପ୍ତମ ଦିନରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଥିବା କ୍ରୀଡ଼ାବିତ୍ ପଦକ ପାଇବାର ଆଶା ରହିଛି । ସେଥିମଧ୍ୟରେ ସାଇକେଲ୍ ଚାଳନା ଏବଂ ଅନ୍ୟାନ୍ୟ ଦୌଡ଼କୁଦ ପ୍ରତିଯୋଗିତା ରହିଛି । ଗତକାଲିର ପଦକ ସହ ଭାରତର ପଦକ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି । ସେଥିରେ ତିନୋଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୯ଟି ବ୍ରୋଞ୍ଜ ପଦକ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।